## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ

ରମ୍ଭା(ବନବାସୀ ସେଠୀ): ରମ୍ଭା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ବିଶ୍ୱାଳଙ୍କ ବିୟୋଗରେ ସହରରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସେ ଜଣେ ଛାତ୍ର ବତ୍ସଳ ତଥା ସମାଜସେବୀ, ଉପଦେଷ୍ଟା, ମିଷ୍ଟଭାଷୀ, ମେଳାପୀ, ଚିନ୍ତାନାୟକ ଏବଂ ଜଣେ ଶ୍ରେଷ୍ଠ କୃଷକ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ରମ୍ଭା ଏନଏସିର ପ୍ରାକ୍ତନ ଅଧ୍ୟକ୍ଷା ସୌଦାମିନୀ ବିଶ୍ୱାଳ ଓ ପ୍ରାକ୍ତନ ଅଧ୍ୟକ୍ଷ ବିଜୟ ଚନ୍ଦ୍ର ବିଶ୍ୱାଳ ଗଭୀର ଶୋକ ପ୍ରକାଶ କରିଥିଲେ।

# ଟାଉଳ ପାଇଁ ପଞ୍ଚାୟତ ଘେରିଲେ ଶତାଧିକ ମହିଳା

ବାଲିଗୁଡ଼ା,୧୪।୯(ସଞ୍ଜୟ କୁମାର ପାଣିଗ୍ରାହୀ)

ବକେୟା ଚାଉଳ ମିଳିନଥିବା ଅଭିଯୋଗରେ ଗୁରୁବାର ଶତାଧିକ ମହିଳା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ଚାଞ୍ଚେଡି ଗ୍ରାମ ପଞ୍ଚାୟତ ଘେରାଉ କରିଛନ୍ତି।

ଗତ ଏପ୍ରିଲ, ମଇ ଓ ଜୁନ ମାସର ବକେୟା ଚାଉଳ ପଞ୍ଚାୟତର ସମୁଦାୟ ୯ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆଜି ଯାଏ ମିଳିନଥିବା ଅଭିଯୋଗ ହୋଇଛି। ଯେଉଁଥି ପାଇଁ ପଞ୍ଚାୟତର ଶତାଧିକ ମହିଳା ହାତରେ ରାଶନ କାର୍ଡ ଧରି ରାଲି କରିବା ସହ ପଞ୍ଚାୟତ ଅଫିସ ଘେରାଉ କରି ପ୍ରତିବାଦ ଜଣାଇଥିଲେ। ଦୀର୍ଘ ଦିନ ଧରି ବକେୟା ଟାଉଳ



ମହିଳାଙ୍କ ଘେରାଉ ।

ମିଳିନଥିବା କାରଣରୁ ଗରିବ ପରିବାର ଲୋକେ ଭୋକ ଉପାସରେ ରହୁଛନ୍ତି। ଏମିତି କି ଗରିବ ଲୋକେ ଚଢ଼ା ଦରରେ ଦୋକାନରୁ ଚାଉଳ କିଣିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇପାରୁନି ବୋଲି ମହିଳାମାନେ କହିଛନ୍ତି। ସରକାର ସେମାନଙ୍କ ଲାଗି ଚାଉଳ ପଠାଉଥିବା ବେଳେ ସେହି ଚାଉଳ କୁଆଡେ ଯାଉଛି ବୋଲି ମହିଳା ମାନେ ପ୍ରଶ୍ନ କରିଛନ୍ତି। ବକେୟା ଚାଉଳ ପାଇବା ଲାଗି ମହିଳାମାନେ ବାରମ୍ବାର ପଞ୍ଚାୟତକୁ ଆସୁଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ କେହି ଶୁଣୁନଥିବା କହିଛନ୍ତି। ଅନ୍ୟପଟେ ମେସିନରେ ଭୁଲ ଏଣ୍ଟ୍ରି ଯୋଗୁ ୩ ମାସର ବକେୟା ଚାଉଳ ହିତାଧିକାରୀଙ୍କୁ ଦିଆ ଯାଇପାରିନାହିଁ ବୋଲି ପଞ୍ଚାୟତର ଯୋଗାଣ ସହାୟକ ସ୍ୱୀକାର କରିଛନ୍ତି। ଏହି ଘଟଣା ସମ୍ପର୍କରେ ଜିଲାପାଳ ମଧ୍ୟ ଅବଗତ ଅଛନ୍ତି, ବକେୟା ଚାଉଳ ଆସିଲେ ତୁରନ୍ତ ପଞ୍ଚାୟତର ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ବିଜେଡିରେ ଯୋଗଦେଲେ ୪ ସ୍ୱାଧୀନ କାଉନ୍‌ସିଲର

ହିଞ୍ଜିଳିକାଟୁ, ୧୪।୯( ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ପୌର ନିର୍ବାଚନରେ ବିଜୟୀ ହୋଇଥିବା ୪ ସ୍ୱାଧୀନ କାଉନସିଲର ଓ ପରାଜିତ ୨ ସ୍ୱାଧୀନ କାଉନସିଲର ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କ ସହ ଗୁରୁବାର ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଏମପିସି ପରିସରରେ ଆୟୋଜିତ ନଗର ବିଜେଡ଼ି ସଭାପତି ଭୀମସେନ ବେହେରାଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ମ୍ୟୁନିସିପାଲଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ଗ୍ରୀଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ଆସିକା ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ନୀଳମଣି ପଟ୍ଟନାୟକ, ଯୁବ ବିଜେଡି ସଭାପତି ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ରଞ୍ଜିତା ଚୌଧୁରୀ, ଅମୂଲ୍ୟ ସାହୁ, ମଞ୍ଜୁ ବେହେରା ଓ ଗୋପବନ୍ଧୁ ବେହେରାଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧରିକୃଷ୍ଣ ପଣ୍ଡା ଓ ସୁନୀତା ମିଶ୍ର ସେମାନଙ୍କ ସମର୍ଥକଙ୍କୁ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡ଼ି ସମ୍ପାଦକ ଶିବରାମ ଗୌଡ, ପ୍ୟାରୀ ମୋହନ ପାତ୍ରୀ, ହୃଦୟାନନ୍ଦ ମହାପାତ୍ର, ପ୍ରଦୀପ କୁମାର ପଣ୍ଡା, ତରୁଣ କୁମାର ପଣ୍ଡା, କିରଣ ପଟ୍ଟନାୟକ, ବିଭୁପ୍ରସାଦ ପଣ୍ଡା, କାହ୍ନୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚାଲାଣ ବେଳେ ୭୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର

ଛତ୍ରପୁର,୧୪।୯(ସନ୍ତୋଷ ପାଢ଼ୀ )

ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅଧୀନ ଗୋବିନ୍ଦପୁର ଛକ ନିକଟରୁ ଏକ ଗୋରୁ ବୋଝେଇ ଗାଡିରୁ ଗୁରୁବାର ୭୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ବେଆଇନ ଚାଲାଣ ଅଭିଯୋଗରେ ଗାଡ଼ି ଚାଳକଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଗୋରୁ ଖୋର୍ଦ୍ଧାରୁ ହାଇଦ୍ରାବାଦ ଅଭିମୁଖେ ଚାଲାଣ ହେଉଥିଲା। ୪ରୁ ଉର୍ଦ୍ଧ୍ୱ କଣ୍ଟେନରରେ ଗୋ ଚାଲାଣ ହେଉଥିବା ବେଳେ ଗୋଟିଏ କଣ୍ଟେନରକୁ ପୋଲିସ ଜବତ କରିଛି। ପୋଲିସ ଏବଂ ବଜରଙ୍ଗ ଦଳ ସହାୟତାରେ କଣ୍ଟେନର ଭିତରୁ ଗୋରୁଙ୍କୁ ଉଦ୍ଧାର କରାଯାଇ ସୋରଡ଼ାର ଏକ ଗୋ ଶାଳାରେ ଛଡା ଯାଇଥିବା ସୂଚନା ମିଳିଛି ।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଚିକିଟି,୧୪।୯(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟିପେଣ୍ଠସ୍ଥିତ ମିନିଷ୍ଟାଡିୟମ ପରିସରରେ ଦୁଇଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଆପନା ସେଠୀ ଯୋଗଦେଇଥିବା ବେଳେ ଉଦଘାଟନ ଉତ୍ସବରେ ଏନଏସି ଅଧ୍ୟକ୍ଷା ଦିପା କୁମାରୀ ସାହୁ ଯୋଗ ଦେଇଥିଲେ। ୧୭ଟି ପଞ୍ଚାୟତରେ ଥିବା ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟର ୩୦୦ ରୁ ଉର୍ଦ୍ଧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥିଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ବିଇଓ ବସନ୍ତ କୁମାର ପଣ୍ଡା ଉପସ୍ଥିତ ଥିବା ଛାତ୍ରୀଛାତ୍ରମାନଙ୍କୁ ଖେଳ କସରତ କରିବା ଦ୍ୱାରା ଶାରୀରିକ ମାନସିକ ଦକ୍ଷତା ବୃଦ୍ଧିପାଇବ ବୋଲି କହି ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷକ ଜଗନାଥ ପାତ୍ର ଖେଳ ପରିଚାଳନା କରିଥିଲେ।

### ଥାନା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାୟଗଡ଼(ଗଜପତି)୧୪।୯

ରାୟଗଡ଼ ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ କନ୍ଧମାଳ ଜିଲାକୁ ବଦଳି ହୋଇଯାଇଛି। ମଙ୍ଗଳବାର ଥାନା ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି, ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ମାଧବାନନ୍ଦ ନାୟକ, ଡ. ସବୀର କୁମାର ବଳ, ଡ.ଧନଞ୍ଜୟ ମାରାଣ୍ଡି, ଗାରାବନ୍ଧ ଥାନା ଅଧିକାରୀ ଗୋବିନ୍ଦ ଗୌଡ଼, ସେରଙ୍ଗ ଥାନା ଅଧିକାରୀ ଅଶୋକ କୁମାର ହାଁସଦା, ଗୁରାଣ୍ଡି ଥାନା ଅଧିକାରୀ ରବି ପାତ୍ର, ଖଜୁରୀପଦା ଫାଣ୍ଡି ଅଧିକାରୀ ଗଜପତି ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ରାୟଗଡ଼ ଥାନା ଏସ୍‌ଆଇ ନିରଞ୍ଜନ ପାଣିଗ୍ରାହୀ, ସ୍ୱପ୍ନାରାଣୀ ବେହେରା, ଏଏସ୍‌ଆଇ ଅଶୋକ ବେହେରା ପରିଚାଳନା କରିଥିଲେ।

### ପ୍ରାଥମିକ ଶିକ୍ଷକ ସଂଘର ଦାବିକୁ ଭାଜପାର ସମର୍ଥନ

ପୋଲସରା,୧୪।୯(ସୁବ୍ରତ ବେହେରା):

ଗଞ୍ଜାମ ଜିଲ୍ଲା ପୋଲସରାର କାର୍ଯ୍ୟରତ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ସଂଘର ୩ ଦଫା ଦାବିକୁ ସମର୍ଥନ କରିଛି ଭାଜପା। ଗୁରୁବାର ଘୁମୁସର ସାଂଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଉପ ସଭାପତି ପ୍ରଭାକର ପଣ୍ଡା, ରଘୁନାଥ ପଣ୍ଡା, ରାଜୀବ କୁମାର ଜେନା, ତପନ ସାହାଣୀ, ପ୍ରସନ୍ନ କୁମାର ଡାକୁଆ ସମେତ ପ୍ରମୁଖ ଶିକ୍ଷକମାନଙ୍କ ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଛନ୍ତି।

### ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି

ବାଲିଗୁଡ଼ା,୧୪।୯(ସଞ୍ଜୟ ପାଣିଗ୍ରାହୀ)

ଗତ ଦୁଇ ଦିନ ଧରି ଲଘୁଚାପ ଜନିତ ବର୍ଷା ଯୋଗୁ ବାଲିଗୁଡ଼ା ଅଞ୍ଚଳରେ ଥିବା ଖଡ଼ଗ ନଦୀ, ରାହୁଲ ନଦୀ, ଆପ୍ରା ନାଳ ଭଳି ବିଭିନ୍ନ ନଦୀ ନାଳରେ ଜଳସ୍ତର ବୃଦ୍ଧି ପାଇଛି। ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବା ସହ ରାସ୍ତା ଉପରେ ପ୍ରବାହିତ ହେଉଛି ବର୍ଷା ଜଳ। ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ପ୍ରବଳ ବର୍ଷାରେ ବାଲିଗୁଡ଼ାର ସିତାପଡ଼ି ଠାରେ ଏକ ବଡ଼ ବରଗଛ ଉପୁଡ଼ି ପଡିଥିବା ବେଳେ ବାରଖମା ଠାରୁ ସଲାଗୁଡ଼ା ଯିବା ରାସ୍ତାରେ ରାସ୍ତା ଉପରେ ପ୍ରଖର ସ୍ରୋତରେ ପ୍ରବାହିତ ହେଉଛି ବର୍ଷା ଜଳ। ସିନ୍ଦ୍ରିଗାଁ ପଞ୍ଚାୟତର କିଲୁପଡ଼ା ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ସେହିଭଳି ଫିରିଙ୍ଗିଆ ବ୍ଲକ କାସିନିପଦର ପଞ୍ଚାୟତରେ ଥିବା ଶଶୀପଦର ଡ୍ୟାମ୍‌ରେ ଲଗାଣ ବର୍ଷା ଯୋଗୁଁ ମାଟି ଅତଡ଼ା ଖସି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଭଳି ବର୍ଷା ଲାଗି ରହିଲେ ଚାଷ ଜମି ନଷ୍ଟ ହେବାର ସମ୍ଭାବନା ରହିଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଜିଲ୍ଲା ସରପଞ୍ଚ ମହାସଂଘ




ଘେରାଉ କରାଯାଇଛି।

ଛତ୍ରପୁର,୧୪।୯(ସନ୍ତୋଷ ପାଢୀ)

ବିଭିନ୍ନ ଦାବି ନେଇ ଗୁରୁବାର ଗଞ୍ଜାମ ଜିଲା ସରପଞ୍ଚ ମହାସଂଘ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଣଦେଖା କରି ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅସାମ୍ବିଧାନିକ ଭାବେ କ୍ଷୁଣ୍ଣ କରୁଥିବାରୁ ୧୫ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ପଲ୍ଲିସଭା ଓ ଗ୍ରାମସଭାକୁ ଗୁରୁତ୍ୱ ଦେଇ ଉନ୍ନୟନମୂଳକ କାର୍ଯ୍ୟ ଓ ହିତାଧିକାରୀ ଚୟନ କରିବା, ୱାର୍ଡସଭ୍ୟମାନଙ୍କ ଦ୍ୱାରା ସରପଞ୍ଚଙ୍କ ପାଇଁ ଅଣାଯାଉଥିବା ଅନାସ୍ଥା ପ୍ରସ୍ତାବକୁ ବନ୍ଦ କରିବା, ବିଡିଓଙ୍କ କାଉଣ୍ଟର ସାଇନ ହଟାଯିବା, ଭତ୍ତା ବୃଦ୍ଧି ସହ ଅବସର ପରେ ଭତ୍ତା ପ୍ରଦାନ, ସରପଞ୍ଚମାନଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ, ମୃତ୍ୟୁକାଳୀନ ସହାୟତା ୫୦ ଲକ୍ଷ ଦେବା, ଜିଲା ସଦର ମହକୁମା ଓ ରାଜଧାନୀରେ ସରପଞ୍ଚ ଭବନ ନିର୍ମାଣ ଆଦି ରହିଛି।

## ସରକାରୀ ସହାୟତା ପାଇଁ ଦିବ୍ୟାଙ୍ଗ କଳାକାରଙ୍କ ନିବେଦନ

ଧରାକୋଟ,୧୪।୯ (ବିଷ୍ଣୁକେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକ ଝରାପାରି ପଞ୍ଚାୟତର କେଶପୁର ଶାସନର ଶଶିଭୂଷଣ ପଟ୍ଟନାୟକଙ୍କ ସାନପୁଅ କୁନା ପଟ୍ଟନାୟକ ଜଣେ ଦିବ୍ୟାଙ୍ଗ। ପରିବାରର ସମସ୍ତ ସଦସ୍ୟ ଦୂରରେ ରହୁଥିବା ବେଳେ ବଡ ଭଉଣୀ ପୁଷ୍ପାଞ୍ଜଳି ପଟ୍ଟନାୟକ ତାଙ୍କର ସାହାରା ପାଲଟିଛନ୍ତି। ସରକାରୀ ସହାୟତା କହିଲେ ମାସକୁ ୭୦୦ ଟଙ୍କା ଭତ୍ତା ସାଙ୍ଗକୁ ଅନ୍ନପୂର୍ଣ୍ଣା ଯୋଜନାରେ ୩୫ କେଜି ଚାଉଳ ପାଉଛନ୍ତି। ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କା ଘରଟିଏ ନାହିଁ। ଗାଁର ପିଲାଙ୍କୁ ଟିଉସନ କରି ଯାହା ରୋଜଗାର କରନ୍ତି ଏବଂ ଭତ୍ତା ବାବଦରୁ ମିଳୁଥିବା ୭୦୦ ଟଙ୍କାରେ ଦୁଃଖ କଷ୍ଟେ ଭାଇ ଭଉଣୀ ଚଳୁଛନ୍ତି। କୁନା ମଧ୍ୟ ଜଣେ କଳାକାର। ନିଜ ଗାଁର ସଂକୀର୍ତ୍ତନ ଦଳର ସେ ସଦସ୍ୟ। ପାଖ ଗାଁକୁ ନିମନ୍ତ୍ରଣ ପାଇ ସେ ସଙ୍କୀର୍ତ୍ତନ ଦଳ ସହ ନାମ ପରିବେଷଣ ପାଇଁ ଯାଆନ୍ତି। ସରକାରଙ୍କ ତରଫରୁ ଆବାସ ଯୋଜନାରେ ଘରଟିଏ ଏବଂ ନିଜେ ସ୍ୱାବଲମ୍ବୀ ହେବା ପାଇଁ ବ୍ୟାଙ୍କ ତରଫରୁ ଋଣ ମିଳିଲେ ଦୋକାନ ଖଣ୍ଡିଏ କରି ଚଳିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ଦିବ୍ୟାଙ୍ଗ ଭତ୍ତାରୁ ବଞ୍ଚିତ ମୃତ୍ୟୁଞ୍ଜୟ



ଭିନ୍ନକ୍ଷମ ମୃତ୍ୟୁଞ୍ଜୟ

ଖଜୁରୀପଡ଼ା,୧୪।୯(ବିଦୁର ବେହେରା):

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୃତିପଡା ପଞ୍ଚାୟତର ସିଦିଙ୍ଗୀ ଗ୍ରାମର ବୈନେତ୍ରି ଦେହୁରୀଙ୍କ ସ୍ୱାମୀ ମୃତ୍ୟୁଞ୍ଜୟ ଜଣେ ଦିବ୍ୟାଙ୍ଗ। ସାତ ବର୍ଷ ହେଲା ସେ ରୋଗ ଶଯ୍ୟାରେ ପଡି ରହିଛନ୍ତି। ତାଙ୍କୁ ଚିକିତ୍ସା କରିଥିଲେ ମଧ୍ୟ ପୂର୍ବ ପରି ଆଉ ସୁସ୍ଥ ହେଲେ ନାହିଁ। ଠିକ୍ ଭାବେ ଚାଲି ପାରନ୍ତି ନାହିଁ, କଥା କହିଲା ବେଳେ ଖନେଇ ଖନେଇ କୁହନ୍ତି। ବୈନେତ୍ରୀ ମୁଲ ଲାଗି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ଲଗାଣ ବର୍ଷାରେ ତାଙ୍କର କୁଡିଆ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ସରକାରୀ ସହାୟତା କହିଲେ ଚାଉଳ ୩୫ କିଲୋ ମିଳୁଛି। ବହୁ ଦିନ ପୂର୍ବେ ୪୦ ହଜାର ଟଙ୍କା ସହାୟତାରେ ଘର ଖଣ୍ଡେ ମିଳିଥିଲା। ଭତ୍ତା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ କେହି ତାଙ୍କର ଦୁଃଖ ଶୁଣୁନାହାନ୍ତି ବୋଲି କୋହଭରା କଣ୍ଠରେ କହିଛନ୍ତି ବୈନେତ୍ରୀ। ତେଣୁ ତାଙ୍କୁ ଘର ଖଣ୍ଡିଏ ଯୋଗାଇବା ସହିତ ମୃତ୍ୟୁଞ୍ଜୟଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

# କଳାବ୍ୟାଜ ପରିଧାନ କଲେ ଜେଲ ୱାର୍ଡର

ଜି.ଉଦୟଗିରି,୧୪।୯(ଶିଶିର ପଟ୍ଟନାୟକ):

ଜି.ଉଦୟଗିରି ଉପ-କାରାଗାର ଠାରେ କାର୍ଯ୍ୟରତ ଜେଲ ୱାର୍ଡରଙ୍କ ୫ ଦଫା ଦାବିରେ କଳା ବ୍ୟାଜ ପରିଧାନ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ୨୪ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ ପିନ୍ଧି କାର୍ଯ୍ୟରେ ଉପସ୍ଥିତ ରହିବେ। ଯଦି ୫ ଦଫା ଦାବି ପୂରଣ ନ ହୁଏ ତେବେ ୨୫ ତାରିଖଠାରୁ କାର୍ଯ୍ୟ ସାରି ଆମରଣ ଅନଶନରେ ବସିବେ ବୋଲି ସଂଘ ସଭାପତି ଲିଙ୍ଗରାଜ ସାହୁ ସୂଚନା ଦେଇଛନ୍ତି। ସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ସାଗର କୁମାର ଗୁମାନ ସିଂ,ଭାଗିରଥି ବେହେରା, ମୁରଲୀ ସେଠୀ, ଦେବରାଜ ଡାକୁଆ, ବିକ୍ରମ ପ୍ରଧାନ, ଯୋଗେନ୍ଦ୍ର ମହାକୁଡ଼, ସଂଯୁକ୍ତା ବେହେରା ଏବଂ ପ୍ରଭାସିନୀ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଜାତୀୟ ହିନ୍ଦୀ ଦିବସ ପାଳିତ

ପାରଳାଖେମୁଣ୍ଡି,୧୪।୯(ଗିରିଧାରୀ ପରିଛା)

ସ୍ଥାନୀୟ ସରସତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଗୁରୁବାର ଜାତୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ନରସିଂହ ଗୌଡ଼ ମୁଖ୍ୟ ଅତିଥି, ସ୍ଥାନୀୟ ଦେବୀ ମଠର ମହନ୍ତ ରାମାନନ୍ଦ ଦାଶ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ହିନ୍ଦୀଭାଷାର ଗୁରୁତ୍ୱ ତଥା ହିନ୍ଦୀଭାଷାକୁ ଦୈନନ୍ଦିନ ଜୀବନରେ ବହୁଳ ମାତ୍ରାରେ ପ୍ରୟୋଗ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସେ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ହିନ୍ଦୀଭାଷା ଆଧାରିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବା ସହ ବିଦ୍ୟାଳୟର ହିନ୍ଦୀଭାଷାର ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ତଥା ବିଦ୍ୟାଳୟର ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ବରିଷ୍ଠ ହିନ୍ଦୀ ଆଚାର୍ଯ୍ୟ ବିଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ କଳାକାର ସଂଘ ଚୟନ

ଭଞ୍ଜନଗର, ୧୪।୯(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ନୂତନ କଳାକାର ସଂଘ ଚୟନ ହୋଇଛି। ଅଧିକ ସଂଘ ଚୟନ ପ୍ରକ୍ରିୟାକୁ ଆସିବା ଯୋଗୁଁ ଶୁକ୍ରବାର ବାକି ଚୟନ ପ୍ରକ୍ରିୟା ହେବ। ବିଡିଓ ଶଶିଭୂଷଣ ମହାପାତ୍ରଙ୍କ ଉପସ୍ଥିତିରେ କଳାକାର ଚୟନ ହେଉଛି। ଏହି ସମୟରେ ଏବିଡିଓ, କଳାକାର ନେତା ନାରାୟଣ ମହାରଣା, ଜଗଦୀଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଗଞ୍ଜାମ ଜିଲାରେ ୫୦୩ ପଞ୍ଚାୟତ ଥିବା ବେଳେ ୨୯୫ ଟି କଳାକାର ସଂଘ ଅଛି। ସରକାରୀ ଯୋଜନାର ପ୍ରଚାର ନିମନ୍ତେ ବର୍ତ୍ତମାନ ପଞ୍ଜୀକରଣ କାର୍ଯ୍ୟ ଜାରିରହିଛି।

## ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

ଗଞ୍ଜାମ,୧୪।୯(ବିଦ୍ୟାଧର ସାହୁ)

ମହାବାତ୍ୟାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୱାର୍ଲଡ ବ୍ୟାଙ୍କ ତରଫରୁ ବାତ୍ୟା ପରବର୍ତ୍ତୀ ପ୍ରସ୍ତୁତି ସମ୍ପର୍କିତ ଏକ ଚଳଚ୍ଚିତ୍ର ପ୍ରସ୍ତୁତି ନିମନ୍ତେ ବିଭିନ୍ନ ସ୍ଥାନରେ ଭିଡିଓ ରେକର୍ଡ କରାଯାଉଛି। ଗଞ୍ଜାମ ଜିଲାର ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳରେ ମକଡ୍ରିଲ କାର୍ଯ୍ୟକ୍ରମ ଆୟୋଜିତ କାରାଯାଇଛି। ଏହି ଅବସରରେ ଭେଙ୍କେଟରାୟପୁରଠାରେ ସୁନାମୀ ମକ ଡ୍ରିଲ୍ କାର୍ଯ୍ୟକ୍ରମ, କରପଡା ବନ୍ୟା ଆଶ୍ରୟସ୍ଥଳୀରେ ବାତ୍ୟା ସମ୍ପର୍କିତ ମକଡ୍ରିଲ ହୋଇଥିବା ବେଳେ ଗୁରବାର ମାଳିଜଗନ୍ନାଥପୁର ଆଶ୍ରୟସ୍ଥଳୀସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣର ରେକର୍ଡ କରାଯାଇଥିଲା। ଆଶ୍ରୟସ୍ଥଳ ସମ୍ପାଦକ ଏମ୍. ବନମାଳିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଦଳର ସ୍ୱେଚ୍ଛାସେବୀମାନେ ନିଆଁ ଲିଭାଇବା କୌଶଳ ଓ ପାଣିରେ ବୁଡିଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର ସହ ବିଭିନ୍ନ ପ୍ରାଥମିକ ଚିକିତ୍ସା ପ୍ରଦାନର ତାଲିମ କୌଶଳ ଗୁଡ଼ିକୁ ରେକର୍ଡ କରାଯାଇଥିଲା। ଗୁରୁବାର ସ୍ଥାନୀୟ ସରପଞ୍ଚ ଚନ୍ଦନା ରେଡ଼ି, ସମିତିସଭ୍ୟ ଜୟକୃଷ୍ଣ ରେଡିଙ୍କ ସହ ସମୂହ ଗାଁର ଲୋକମାନେ ମଧ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଗଞ୍ଜାମ ଜିଲା ନୋଡାଲ ଏନଜିଓ କାମଧେନୁ ସେବା ସମିତିର ସମ୍ପାଦକ ଉକ୍ତ ଚଳଚ୍ଚିତ୍ର ପ୍ରସ୍ତୁତିରେ ସଂଯୋଜନା କରିଥିଲେ।

## ମାଗଣା ଗ୍ଲୁକୋମା, ପରଳ ଚକ୍ଷୁ ପରୀକ୍ଷା ଶିବିର

ରମ୍ଭା,୧୪।୯(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ଗାୟତ୍ରୀ ଶକ୍ତିପୀଠ ପରିସରରେ ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି, ଗ୍ରୀନପିସ୍ ଭିଲେଜ ଫାଉଣ୍ଡେସନ, ରୋଟାରୀ କ୍ଲବ ବ୍ରହ୍ମପୁର ମିଡ୍ ଟାଉନ୍ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ଏକ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ପରୀକ୍ଷା ଶିବିର ସହସଂଯୋଜକ ରବିନାରାୟଣ ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗ୍ରୀନପିସ ଭିଲେଜ୍ ଫାଉଣ୍ଡେଶନର ସଭାପତି ପ୍ରକାଶ ନାହାକ, ସମ୍ମାନିତ ଅତିଥି ଭାବେ ଗାୟତ୍ରୀ ଶକ୍ତିପୀଠର ଟ୍ରଷ୍ଟି ଉମାକାନ୍ତ ସାହୁ, ସାମାଜିକ କର୍ମୀ ବିଜୟ କୁମାର ମିସ୍ତ୍ରୀ ଓ କବିତା ମଙ୍ଗରାଜ ଯୋଗଦେଇ ଥିଲେ। ଶିବିରରେ ୬୦ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ ଏବଂ ୨୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲ । ୧୮ ଜଣୀଙ୍କୁ ଅସ୍ତ୍ରୋପଚାର ପାଇଁ ପଠାଯାଇଥିଲା। ଏହି ଶିବିରକୁ କିକାଶ ନାହାକ, ସିଲୁ ନାହାକ, ଶଙ୍କର ସାହୁ, ଲମ୍ବୋଦର ମହାନ୍ତି, ରାଜେନ୍ଦ୍ର ପଲେଇ ପରିଚାଳନା କରିଥିଲେ।

## ଦୁଇ ଥାନା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବୁଗୁଡା,୧୪।୯(କାଳିଚରଣ ଦାଶ):

ବୁଗୁଡାର ପ୍ରସିଦ୍ଧ ଐତିହାସିକ ଶୈବପୀଠ ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ର ପରିସରରେ ବୁଗୁଡ଼ା ପୋଲିସ ଥାନା ପକ୍ଷରୁ ଦୁଇ ଜଣ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆମ ପୋଲିସ ସମିତି ସଦସ୍ୟ ସୁରେଶ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ବୁଗୁଡ଼ା ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ. ନୀଳ ମାଧବ ଆଚାରୀ, ସୁଧାଂଶୁ ଶେଖର ପାଢ଼ୀ, ମଦନ ଗୋପାଳ ଦୋରା, ବସନ୍ତ ଦଳେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏ ଅବସରରେ ବଦଳି ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା ଓ ଆଡିସନାଲ୍ ଆଇଆଇସି ଶର୍ମିଷ୍ଠା ପ୍ରଧାନଙ୍କ କାର୍ଯ୍ୟକାଳ ମଧ୍ୟରେ ବୁଗୁଡ଼ା ଥାନାର ରୂପାନ୍ତରୀକରଣ ସାଙ୍ଗକୁ ଆଇନ ଶୃଙ୍ଖଳା ପରିସ୍ଥିତି ସନ୍ତୋଷଜନକ ରହିଥିବା ନେଇ ମତ ପ୍ରକାଶ ପାଇଥିଲା। ଶେଷରେ ଏସ୍‌ଆଇ ସମୀର କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କ ପାଇଁ ସାଇବର ନିରାପତ୍ତା ସଚେତନତା

ବେଲଗୁଣ୍ଠା,୧୪।୯(କୃଷ୍ଣଚନ୍ଦ୍ର ପଟ୍ଟନାୟକ):

ଦିନକୁ ଦିନ ସାଇବର୍ ଠକେଇ ଏବଂ ଅପରାଧ ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିବା ଦିଗରେ ଛାତ୍ରୀଛାତ୍ରଙ୍କ ସଚେତନତା ଜରୁରୀ ହୋଇପଡ଼ିଛି। ଏହି ପ୍ରରିପ୍ରେକ୍ଷୀରେ ଗୁରୁବାର ବେଲଗୁଣ୍ଠା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭଞ୍ଜନଗର ତାଲୁକା ଆଇନ୍ ସେବା କମିଟି ତରଫରୁ ସାମାଜିକ ଗଣମାଧ୍ୟମ ନିରାପତ୍ତା ଏବଂ ସାଇବର୍ ଅପରାଧ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକା ଆଇନ୍ ସେବା କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲାଜଜ୍ ଦେବଦତ୍ତ ପଟ୍ଟନାୟକ ଉଦଘାଟକ ରୂପେ ଯୋଗ ଦେଇଥିବା ବେଳେ ସବଡିଭିଜନ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଅମିତ କୁମାର, ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ସନ୍ଧ୍ୟା ସୁଚରିତା, ଆସିଷ୍ଟାଣ୍ଟ କଲେକ୍ଟର୍ ସୁନନ୍ଦ ଶେଖର୍ ସାହାଣି, ତାଲୁକା ଆଇନ୍ ସେବା କମିଟି ସଭ୍ୟ ଡ.ପୂର୍ଣ୍ଣଚନ୍ଦ୍ର ତ୍ରିପାଠି, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଶ୍ୱମିତ୍ରା ହରପାଲ୍, ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନ, ବେଲଗୁଣ୍ଠା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଡଃ ସଂଯୁକ୍ତା ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ। ସାଇବର୍ ଠକେଇ ଶିକାରର କାରଣ, ନିରାକରଣ ଏବଂ ସାଇବର୍ ଅପରାଧର ବିଭିନ୍ନ ଦିଗ ଉପରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶୈକ୍ଷିକ ଏବଂ ଅଣଶୈକ୍ଷିକ କର୍ମଚାରୀ ସହଯୋଗ କରିଥିବା ବେଳେ ଅଧ୍ୟକ୍ଷା ଡଃ ସଂଯୁକ୍ତା ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଛତ୍ରପୁର ହସ୍ପିଟାଲରେ ଖୋଲିବ ଡାଏଲିସିସ୍ ସେଣ୍ଟର

ଛତ୍ରପୁର,୧୪।୯(ସନ୍ତୋଷ ପାଢ଼ୀ ):

ଛତ୍ରପୁର ହସ୍ପିଟାଲ ସମ୍ମିଳନୀ କକ୍ଷରେ ଗୁରୁବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପିପିପି ମୋଡରେ ଡାଏଲିସିସ ସେଣ୍ଟର ଖୋଲିବ ବୋଲି ବୈଠକରେ ନିଷ୍ପତି ହୋଇଛି। ବିଭିନ୍ନ ପ୍ରକାରର ପରୀକ୍ଷା ହସ୍ପିଟାଲରେ ମାଗଣାରେ ଯୋଗାଇ ଦିଆଯାଉଥିବା ସୂଚନା ଦିଆଯାଇଥିଲା। ଛତ୍ରପୁର ହସ୍ପିଟାଲର ୫-ଟି ରୂପାନ୍ତୀକରଣ କାର୍ଯ୍ୟ ଚାଲିଛି। ଏହାର ଅଗ୍ରଗତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ରେଡ଼କ୍ରସ ଏହି ଗାଡିର ରକ୍ଷଣାବେକ୍ଷଣ କରିବାକୁ ଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା ବୁଝିବେ। ହସ୍ପିଟାଲରେ ଡାକ୍ତର, ନର୍ସ ଓ ଷ୍ଟାଫ ପଦବୀଗୁଡିକର ଅଭାବ ଥିବା ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଛତ୍ରପୁର ହସ୍ପିଟାଲରେ




ବିଧାୟକ ଓ ଅନ୍ୟମାନେ ଉପସ୍ଥିତ ।

ମହାପ୍ରୟାଣ ଗାଡ଼ି ଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହାର କାର୍ଯ୍ୟକାରୀ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଛତ୍ରପୁର ହସ୍ପିଟାଲରେ ସ୍ୱୟଂ ସହାୟକ ଗୋଷ୍ଠୀ ରୋଗୀମାନଙ୍କୁ ଖାଦ୍ୟ ପରିବେଷଣର ଦାୟିତ୍ୱ ଦିଆଯାଇଛି। ଦୈନିକ ରୋଗୀମାନଙ୍କ ଖାଦ୍ୟ ପିଛା ପୂର୍ବରୁ ୮୫ ଟଙ୍କା ଥିବା ବେଳେ ଏବେ ୧୧୦ ଟଙ୍କା ହୋଇଛି, ଯାହାକୁ ସମସ୍ତେ ସ୍ୱାଗତ କରିଛନ୍ତି। ଏଥିରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ, ଡାକ୍ତର ସୁଦର୍ଶନ ସାହୁ, ହସ୍ପିଟାଲ ମ୍ୟାନେଜର ଗଣେଶ ନାହାକଙ୍କ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୫ ସେପ୍ଟେମ୍ବର, ୨୦୨୩



**ପାଣି ପାଇପ ଦୋକାନରୁ ଚୋରି**

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ଅନ୍ନପୂର୍ଣ୍ଣା ନଗର ପ୍ରଥମ ଲାଇନରେ ଥିବା ଏକ ପାଣି ପାଇପ ଦୋକାନରୁ ଚୋରି ହୋଇଥିବା ନେଇ ଦୋକାନ ମାଲିକ ବି.ରାମବ୍ରହ୍ମା ସୁବୁଦ୍ଧି ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଦୋକାନ ମାଲିକ ଅନ୍ନପୂର୍ଣ୍ଣା ନଗରରେ ଏକ ଆପାର୍ଟମେଣ୍ଟରେ ରୁହନ୍ତି। ଉକ୍ତ ଆପାର୍ଟମେଣ୍ଟ ସମ୍ମୁଖରେ ତାଙ୍କର ପାଇପ ଦୋକାନ। ରାତିରେ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୨୮,୧୧୨ ଟଙ୍କା ଓ ଚେକ ବହି ଓ କେତେକ ପାଣି ପାଇପ ସାମଗ୍ରୀ ଚୋରାଇ ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨୭୫/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ପେନସନର୍ସ ସଂଘର ଧାରଣା
- ସ୍ଥାନ-ନୂଆ ବସଷ୍ଟାଣ୍ଡ, ସମୟ-ପୂର୍ବାହ୍ନ ୧୧ଟା ବୁଗୁଡ଼ା
- ବୁଗୁଡା ପଞ୍ଚାୟତ ସମିତି ସାଧାରଣ ବୈଠକ। ସ୍ଥାନ-ପଞ୍ଚାୟତ ସମିତି ସଭାଗୃହ, ସମୟ-ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଜନଔଷଧି କେନ୍ଦ୍ରରେ ଅଗ୍ନିକାଣ୍ଡ

ବ୍ରହ୍ମପୁର,୧୪।୯ (ସୁବାସ ଚନ୍ଦ୍ର ପାଢ଼ୀ)

ଆସ୍କାରୋଡ ତାଲୁକା ଛକରେ ଥିବା ଏକ ଜନଔଷଧି କେନ୍ଦ୍ରରେ ଅଗ୍ନିକାଣ୍ଡ ଘଟି ବିପୁଳ ପରିମାଣର ଔଷଧ ନଷ୍ଟ ହୋଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଛି। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଦୋକାନର ମାଲିକ ବିରଞ୍ଚି ପ୍ରସାଦ ମିଶ୍ର ବୁଧବାର ରାତି ପ୍ରାୟ ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ବିଳମ୍ବିତ ରାତିରେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା।

### ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ଏକ ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେ ହେଲେ ଜାକିର ଖାନ୍। ୨୦୨୧ ମାର୍ଚ୍ଚ ୨୨ ତାରିଖରେ ଧରାକୋଟ ଥାନା ଅଞ୍ଚଳର ଜାକିର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ନେଇ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗକ୍ରମେ ପୋଲିସ ୪୩/୨୧ରେ ଅପହରଣ ଓ ବଳାତ୍କାର ମାମଲା ରୁଜୁ କରିଥିଲା। ଏହାର ୨ବର୍ଷ ପରେ ଅର୍ଥାତ ଗତ ଜୁନ୍ ୪ ତାରିଖରେ ଅଭିଯୁକ୍ତ ଜାକିରଙ୍କୁ ପୋଲିସ ହିଞ୍ଜିଳିକାଟୁ ଥାନା ଅଞ୍ଚଳରୁ ଗିରଫ କରିବା ସହ ନାବାଳିକାଙ୍କୁ ମଧ୍ୟ ସେଠାରୁ ଉଦ୍ଧାର କରିଥିଲା। କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା। ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଗଲା। ମାମଲାର ବିଚାର ଚାଲିଥିବା ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ନ ମିଳିବାରୁ ଅଭିଯୁକ୍ତଙ୍କୁ ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ସୟଦ ଇକବାଲ ଓ ତାଙ୍କ ସହଯୋଗୀ ଯଶବନ୍ତ ନାୟକ ମକଦ୍ଦମା ପରିଚାଳନା କରୁଥିଲେ।

### ଦୁର୍ଘଟଣାରେ ଆହତଙ୍କୁ ମେଡିକାଲ ନେଲେ ବିଧାୟକ

ଗଞ୍ଜାମ,୧୪।୯(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖାରେଡ଼ି ରାଧା ଗୋବିନ୍ଦପୁର ପଞ୍ଚାୟତ ସିପକୁଦା ଗ୍ରାମର ସଦାନନ୍ଦ ନାହାକ ବାଇକରେ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାରେ ପଡି ରହିଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ତାଙ୍କୁ ନିଜ କାରରେ ଛତ୍ରପୁର ମେଡିକାଲକୁ ନେଇଥିଲେ। ବିଧାୟକଙ୍କ ଏପରି କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ବ୍ରଜନଗର ଟାୱାର ଲେନ୍ ରାସ୍ତା ନିର୍ମାଣ ପାଇଁ ସର୍ଭେ

ବ୍ରହ୍ମପୁର,୧୪।୯(ସ୍ମୃତି ରଞ୍ଜନ ମହାଳିକ)

ବ୍ରଜନଗର ଟାୱାର ଲାଇନ ରାସ୍ତା ନିର୍ମାଣ ପାଇଁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ବ୍ରଜନଗର ଉନ୍ନୟନ ପରିଷଦ ପକ୍ଷରୁ ଦାବି ହୋଇ ଆସୁଥିଲା। ଗୁରୁବାର ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏହାର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ସର୍ଭେ ପରେ ଏଷ୍ଟିମେଟ କରାଯାଇ ଅର୍ଥ ମଞ୍ଜୁର ନିମନ୍ତେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ଏହାପରେ ଟେଣ୍ଡର ଆହ୍ୱାନ କରିବାକୁ ବିଏମସି ନିଷ୍ପତ୍ତି ନେଇଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି।

ପ୍ରାୟ ଦେଢ କି.ମି. ବ୍ରଜନଗର ଟାୱାର ଲେନ ରାସ୍ତାଟି ୨୦୦୨ରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହୋଇଥିଲା। ଉକ୍ତ ରାସ୍ତାର ମରାମତି ଓ ପରିଚାଳନା ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିଲା। କିନ୍ତୁ



ସର୍ଭେ କାର୍ଯ୍ୟବେଳେ ଉପସ୍ଥିତ କୋଠାବାଡି ବିଭାଗ ଓ ବିଏମ୍‌ସିର ଅଧିକାରୀ ଏବଂ ଅନ୍ୟମାନେ।

ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ରାସ୍ତାଟି ନଷ୍ଟ ହୋଇ ଯାତାୟତ ଅନୁପଯୋଗୀ ହୋଇଥିଲା। ଅନ୍ୟପଟେ ଜାନିବିଲି ପାଇପ ଲାଇନ ବିଛାଇବା ନାଁରେ ରାସ୍ତାକୁ ମନଇଚ୍ଛା ଖୋଳି ଦିଆଯିବାରୁ ରାସ୍ତା ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହାର ପ୍ରତିବାଦ କରାଯିବା ପରେ ରାସ୍ତାରେ ତାଳିପକା ମରାମତି କରାଯାଇଥିଲା। କିଛିଦିନ ପରେ ରାସ୍ତାଟି ବିପର୍ଯ୍ୟସ୍ତ ହୋଇଯାଇଛି। ଏ ନେଇ କମିଟି ପକ୍ଷରୁ ୨୦୧୮ରୁ ରାସ୍ତା ନିର୍ମାଣ ପାଇଁ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏପରକି ଗତ ମାସରେ ୫-ଟି ସଚିବଙ୍କ ଗସ୍ତ ବେଳେ ଏହି ସମସ୍ୟା ନେଇ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୨୦ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରୁ ଉକ୍ତ ରାସ୍ତା ବାହାର କରାଯାଇ ବିଏମସିକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ବିଏମସି ପକ୍ଷରୁ ରାସ୍ତାର ମରାମତି ନେଇ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ବର୍ତ୍ତମାନ ବିଏମସି ଗ୍ରାମ୍ୟ ସହରୀ ରୂପାନ୍ତରଣ ଯୋଜନାରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନେଇଛି। ସର୍ଭେ ସମୟରେ ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ଆଶୁତୋଷ ବେହେରା, ସହକାରୀ ଯନ୍ତ୍ରୀ ଚୈତନ୍ୟ ବେହେରା, ବିଏମସି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏମ ନାଗେଶ୍ୱର ସୁବୁଦ୍ଧି, କନିଷ୍ଠ ଯନ୍ତ୍ରୀ ସୁଚିସ୍ମିତା ପୁହାଣ, ତପନ କୁମାର ରଥ, କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ, ଦୁର୍ଗା ଲାୟକ ଓ ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ଯୋଗ ଶିବିରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୋଗ ଅଭ୍ୟାସ କରାଯାଉଛି।

## ଯୋଗ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର/ଗୋପାଳପୁର,୧୪।୯ (ସ୍ମୃତି ରଞ୍ଜନ ମହାଳିକ/ନବୀନ ଆଚାରୀ)

ଶୀତଳାପଲ୍ଲୀସ୍ଥିତ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ ଗୁରୁବାର ଯୋଗ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟାପିକା ଡ ଶୁଭଶ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ଡ. ଚିତ୍ତ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଯୋଗ ଦ୍ୱାରା ଶରୀର ସୁସ୍ଥ ହୋଇଥାଏ। ପ୍ରତିଦିନ ଯୋଗ ଓ ପ୍ରାଣାୟମ କରିବା ପାଇଁ ଅଧକ୍ଷ କହିଥିଲେ। ପ୍ରଫେସର ଚିତ୍ତ ରଞ୍ଜନ ମହାନ୍ତି, ପ୍ରଫେସର ତ୍ରିଲୋଚନ ରାଉତ, ମହିଳା ଯୋଗ ସମିତି ପ୍ରଭାରୀ ତପସ୍ୱିନୀ ମିଶ୍ର, କଲ୍ୟାଣୀ ଦାଶ, ଲିପକ ସାହୁ, ଚିତ୍ତ ରଞ୍ଜନ ଦାଶ ଓ ସୁଶ୍ରୀ ରାମିୟା ମିଶ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଗାଇଡ୍‌ଲାଇନ ଜାରିକଲା ସ୍ୱାସ୍ଥ୍ୟ ବିଭାଗ

ବ୍ରହ୍ମପୁର,୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

**ସ୍କ୍ରବ୍ ଟାଇଫସ ରୋଗ ଆତଙ୍କ**

ରାଜ୍ୟରେ ଏବେ ସ୍କ୍ରବ ଟାଇଫସ ରୋଗ ଆତଙ୍କ ସୃଷ୍ଟି କରିଛି। ବରଗଡ ଜିଲାରେ ସ୍କ୍ରବ୍ ଟାଇଫସର ଶିକାର ହୋଇ କେତେଜଣଙ୍କ ମୃତ୍ୟୁ ହୋଇଛି। ମ୍ୟାଲେରିଆ, ଡେଙ୍ଗୁ ପରେ ଏବେ ସ୍କ୍ରବ ଟାଇଫସ ଭୟଙ୍କର ରୋଗ ଭାବେ ପରିଗଣିତ ହେଉଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକମାନଙ୍କୁ ସଚେତନ କରିବା ସହ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ପ୍ରଶିକ୍ଷଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କୁ ଗାଇଡ଼ଲାଇନ ଜାରି କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଏନେଇ ଏକ ଗାଇଡ଼ଲାଇନ ଆସିଥିବା ନେଇ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ବୁଧବାର ଜିଲାର ୨୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪ଟି ଉପଖଣ୍ଡସ୍ତରୀୟ ହସ୍ପିଟାଲ, ସିଟି ହସ୍ପିଟାଲର ସମସ୍ତ ମେଡିକାଲ ଅଫିସରଙ୍କୁ ଏ ଦିଗରେ ଅଧିକ ସଚେତନ ରହିବା ସହ ହସ୍ପିଟାଲକୁ ଆସୁଥିବା ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଜିଲାରେ ବିଭିନ୍ନ ସଚେତନତା ଶିବିର ଆୟୋଜନ କରାଯାଇ ରୋଗ ଚିହ୍ନଟ ପରୀକ୍ଷା ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରୋଗୀମାନେ ଅଧିକ ଭୟଭୀତ ନ ହେବାକୁ ମୁଖ୍ୟ ଚିକିତ୍ସାଧିକାରୀ ପରାମର୍ଶ ଦେଇଛନ୍ତି। ସାଧାରଣତଃ ଜୁଲାଇରୁ ନଭେମ୍ବର ମଧ୍ୟରେ ସ୍କ୍ରବ୍ ଟାଇଫସ ସଂକ୍ରମଣ ଦେଖିବାକୁ ମିଳିଥାଏ। ଚିଗର୍ସ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ଲୋକଙ୍କ ଶରୀରରେ ସଂକ୍ରମଣ ଆରମ୍ଭ ହୋଇଥାଏ। ଏହି କୀଟ କାମୁଡ଼ିଲେ ମୁଣ୍ଡବ୍ୟଥା, ଭୀଷଣ ଜ୍ୱର, ଲାଲ ଚିହ୍ନ, ଶରୀର ଦରଜ ଭଳି ଲକ୍ଷଣ ଦେଖାଦିଏ। ଠିକ ନିଦାନ କରି ଔଷଧ ଖାଇବାକୁ ଦିଆଗଲେ ରୋଗୀ ସୁସ୍ଥ ହେବେ ବୋଲି ସିଡିଏମଓ ମିଶ୍ର କହିଛନ୍ତି।

## ଦୁଇ ଭାଜପା ନେତା ଦଳରୁ ନିଲମ୍ବିତ

କୋଦଳା,୧୪।୯(ଅମିତ କୁମାର ପଟ୍ଟନାୟକ)

କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ରଞ୍ଜନ ପଲାଇ ଦଳ ବିରୋଧୀ କାର୍ଯ୍ୟ କରୁଥିବା ନେଇ ରାଜ୍ୟ ସଭାପତିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତେଣୁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି ବୋଲି ବରିଷ୍ଠ ନେତ୍ରୀ ଅନିତା ଶୁଭଦର୍ଶିନୀ ଏବଂ ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ନାୟକ କହିଛନ୍ତି। ରଞ୍ଜନ ପଲାଇ ବିଜେଡିରେ ମିଶିଛନ୍ତି। ତେବେ ଆମ ଦଳରେ କୌଣସି ଫରକ ପଡିବ ନାହିଁ ବରଂ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ଅନିତା ମତବ୍ୟକ୍ତ କରିଛନ୍ତି। ସେହିପରି କୋଦଳା ଭାଜପା ମଣ୍ଡଳ ସଭାପତି ତଥା ୮ନଂ ୱାର୍ଡର କାଉନସିଲର ମଧ୍ୟ ଦଳରୁ ନିଲମ୍ବିତ ହୋଇଛନ୍ତି। ଏଥିରେ କୋଦଳାର ପ୍ରଗତିରେ କୌଣସି ଅସୁବିଧା ହେବ ନାହିଁ ବୋଲି ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକ କହିଛନ୍ତି । କୋଦଳା ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି ଏବଂ ଆଗକୁ ମଧ୍ୟ ଚାଲିବ ବୋଲି କହିଛନ୍ତି। ସେହିପରି ଉପାଧ୍ୟକ୍ଷା ରଂଜିତା ସେଠି ମଧ୍ୟ ଉନ୍ନୟନ କାର୍ଯ୍ୟରେ କୌଣସି ଫରକ ପଡିବ ନାହିଁ ବୋଲି କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com




@ ସୁନୀଲ



@ ଶୁଭେନ୍ଦୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଧାରଣା

ବ୍ରହ୍ମପୁର,୧୪।୯ (ତନୁଶ୍ରୀ ନାହାକ)

ଗୋପାଳପୁର ଥାନା ଅଧୀନ ଶୀତଳାପଲ୍ଲୀସ୍ଥିତ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟାକୁ ଭିତ୍ତି କରି ୧୦ଦଫା ଦାବି ନେଇ ଛାତ୍ରୀଛାତ୍ରମାନେ ଗୁରୁବାର ଧାରଣା ଦେଇଥିଲେ। ମହାବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଧାରଣାରେ ସାମିଲ ହୋଇ ଛାତ୍ରୀଛାତ୍ର ନିବାସରେ ମୌଳିକ ଅଧିକାର ବଜାୟ ରଖିବା, କ୍ୟାମ୍ପସରେ ମେଡ଼ିକାଲ ସୁବିଧା, ହଷ୍ଟେଲ ରକ୍ଷଣାବେକ୍ଷଣ ଆଦି ୧୦ ଦଫା ଦାବି ଉପସ୍ଥାପନ କରିଥିଲେ। ପ୍ରଫେସର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଆନ୍ଦୋଳନସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ୯ଟି ଦାବି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ କ୍ୟାମ୍ପସ ପରିସରରେ ମେଡ଼ିକାଲ ସୁବିଧା ନିମନ୍ତେ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ପ୍ରତିଶ୍ରୁତି ପାଇବା ପରେ ଛାତ୍ରୀଛାତ୍ର ଶ୍ରେଣୀଗୃହକୁ ଫେରିଥିଲେ।

# ପୁଣି ୪ ବାଇକ୍ ଚୋରି ଅଭିଯୋଗ

ବ୍ରହ୍ମପୁର,୧୪।୯(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅଞ୍ଚଳରୁ ପୁଣି ବାଇକ୍ ଚୋରି ହୋଇଛି। ପୂର୍ବରୁ ୧୦ଟି ଗାଡ଼ି ଚୋରି ହୋଇଥିବା ବେଳେ ଏବେ ଆଉ ୪ଟି ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବାଇକ୍ ଚୋରି ବଢୁଥିବାରୁ ପୋଲିସ ପାଇଁ ଏହା ଚାଲେଞ୍ଜ ହୋଇପଡିଛି। ଗାଡ଼ି ଚୋରି ନେଇ ଅଭିଯୋଗ କରିବାକୁ ଗଲେ ପୋଲିସ ଘଟଣାର ୩/୪ ଦିନ ପରେ ଥାନାରେ ମାମଲା ରୁଜୁ କରୁଛି। ଲୁଟେରାମାନେ ଏମ୍‌କେସିଜି ମେଡିକାଲ, କମାପଲି ଭେଣ୍ଡିଂଜୋନ ଓ ଘରୋଇ ନର୍ସିଂହୋମ ନିକଟବର୍ତ୍ତୀ ଅଞ୍ଚଳରେ ଜାଲ ବିଛାଇ ବାଇକ୍ ଲୁଟିବାରେ ସଫଳ ହେଉଛନ୍ତି। ଏହିଧାରାରେ ବୈଦ୍ୟନାଥପୁର ଥାନା ଅଞ୍ଚଳରୁ ଗତ ୭ ତାରିଖରୁ ୧୧ ତାରିଖ ମଧ୍ୟରେ ୪ଟି ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି।

ଗତ ୭ ତାରିଖ ରାତିରେ ଏମ୍‌କେସିଜି ମେଡିକାଲରେ ସୁରକ୍ଷାକର୍ମୀ ଭାବେ କାମ କରୁଥିବା ପୋଲସରାର ନୋକେଶ କୁମାର ବେହେରାଙ୍କ ବାଇକ୍ ମେଡିକାଲ ପରିସରରୁ ଚୋରି ହୋଇଯାଇଛି। ଏ ନେଇ ଥାନାରେ ଅଭିଯୋଗକ୍ରମେ ୪୫୪/୨୩ରେ ମାମଲା ରୁଜୁ ହୋଇଛି। ସେହିପରି ନୂଆ ଆମ୍ବ ବଜାର ନିକଟ ଗଣେଶ ନଗରରେ ରହୁଥିବା ଆର. କେଶବ ରାଓ ଗତ ୯ ତାରିଖରେ ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ଏକ ନର୍ସିଂହୋମ ଯାଇଥିଲେ। ସେ ତାଙ୍କ ବାଇକ୍ (ଓଡ଼ି-୦୭- କେ ୭୬୬୦) ନର୍ସିଂହୋମ କଡ଼ରେ ପାର୍କିଂ କରିଥିଲେ। କିଛି ସମୟ ପରେ ନର୍ସିଂହୋମ୍‌ରୁ ଫେରିବା ପରେ ବାଇକ୍ ଚୋରି ହୋଇଯାଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୫୫/୨୩ରେ ମାମଲା ରୁଜୁ କରିଛି। ସେହିପରି ଭାବିନୀପୁର ନିକଟ ଶ୍ରୀହରିବିହାରର ତପନ ପାଢ଼ୀଙ୍କ ବାଇକ୍ (ଓଡ଼ି ୦୭ ଡବ୍ଲ୍ୟୁ ୪୧୬୬) ଗତ ୧୦ ତାରିଖ ସକାଳେ ମେଡିକାଲ ଗ୍ରାଉଣ୍ଡ ନିକଟରୁ ଚୋରି ହୋଇଛି। ଏ ନେଇ ପୋଲିସ ୪୫୭/୨୩ରେ ମାମଲା ରୁଜୁ କରିଛି। ସେହିପରି ଦିଗପହଣ୍ଡିର ଏସ. ଗୋବିନ୍ଦ ରେଡ୍ଡୀ ଗତ ୧୧ତାରିଖରେ ଭାବନଗର ନିକଟରେ ଥିବା ସାଇ ସଞ୍ଜିବନୀ ହସ୍ପିଟାଲକୁ ଆସିଥିବା ବେଳେ ସେଠାରୁ ତାଙ୍କ ବାଇକ (ଓଡ଼ି ୦୭ ଏଚ ୨୬୧୬) ଚୋରି ହୋଇଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ୪୫୮/୨୩ରେ ମାମଲା ରୁଜୁ ହୋଇଛି।

# ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଦାବି

ବ୍ରହ୍ମପୁର,୧୪।୯(ସ୍ମୃତି ରଞ୍ଜନ ମହାଳିକ)

ରାଜ୍ୟ ସରକାର ଗତ ୫ବର୍ଷ ଧରି ବିଭିନ୍ନ ଆଳ ଦେଖାଇ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଛନ୍ତି। ଚଳିତ ଶିକ୍ଷାବର୍ଷ ପାଇଁ ପ୍ରକାଶିତ ଏକାଡେମିକ କ୍ୟାଲେଣ୍ଡରରେ ଛାତ୍ର ସଂସଦ ନିର୍ବାଚନ ନେଇ କିଛି ଉଲ୍ଲେଖ କରାଯାଇନାହିଁ। ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ୍ (ଏଆଇଡିଏସ୍‌ଓ)ର ରାଜ୍ୟ ସଭାପତି ସୋମନାଥ ବେହେରା ଓ ସଂପାଦକ ସିଦ୍ଧାର୍ଥ ରଥ କହିଛନ୍ତି, ନିର୍ବାଚିତ ଛାତ୍ରସଂସଦ ଗଠନ କରିବା ଛାତ୍ରୀଛାତ୍ରଙ୍କର ଏକ ଅଧିକାର। ପ୍ରଥମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ୧୯୩୮ ଅକ୍ଟୋବର ୩୧ ତାରିଖରେ ଶିଲଂଠାରେ ତାଙ୍କର ଏକ ଐତିହାସିକ ଭାଷଣରେ ଛାତ୍ରୀଛାତ୍ରଙ୍କ ନିଜସ୍ୱ ସଂଗଠନ ନିର୍ବାଚିତ ଛାତ୍ର ସଂସଦର ଦାବି ଉପସ୍ଥାପନ କରିଥିଲେ। ସମସ୍ତ ପ୍ରକାର ଅନ୍ୟାୟ ତଥା ଶିକ୍ଷା କର୍ତ୍ତୃପକ୍ଷଙ୍କ ଅବିଚାର ବିରୋଧରେ ଲଢ଼ିବା ପାଇଁ ଛାତ୍ରସଂସଦ ଗଠନର ଦାବି ଉଠିଥିଲା। କିନ୍ତୁ ଆଜି ସ୍ୱାଧୀନ ଭାରତରେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକରେ ଅଧ୍ୟାପକ ଅଭାବ, ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନରେ ଅନିୟମିତତା, ଲାଇବ୍ରେରୀ ଓ ଲାବ୍ରୋଟରୀର ଅବ୍ୟବସ୍ଥା, ଭିତ୍ତିଭୂମିର ଅଭାବ, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାଂପ୍ରଦାୟିକରଣ ତଥା ଜାତୀୟ ଶିକ୍ଷାନୀତି ୨୦୨୦ ଭଳି ଶିକ୍ଷାମାରଣ ନୀତି ବିରୋଧରେ ଗଢି ଉଠୁଥିବା ଛାତ୍ର ଆନ୍ଦୋଳନକୁ ପ୍ରତିହତ କରିବାକୁ ସରକାର ଦୀର୍ଘଦିନ ଧରି ଷଡଯନ୍ତ୍ର କରିଆସୁଛନ୍ତି। ପ୍ରଥମେ ଛାତ୍ର ସଂସଦ ନିର୍ବାଚନରେ ଲିଙ୍ଗଡୋ କମିଶନ ମାଧ୍ୟମରେ ବିଭିନ୍ନ କଟକଣା ଲାଗୁ କରାଗଲା। ଗତ ୫ ବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନରେ ବିଶୃଙ୍ଖଳା ଓ ଅନ୍ୟାନ୍ୟ ଆଳ ଦେଖାଇ ସରକାର ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଛନ୍ତି ବୋଲି ଏଆଇଡିଏସଓ ଅଭିଯୋଗ କରିଛି। ଏହାର ପ୍ରତିବାଦ ସହ ଗଣତାନ୍ତ୍ରିକ ପ୍ରକ୍ରିୟାରେ ପୂର୍ବଭଳି ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବା ଦାବି ନେଇ ଏଆଇଡିଏସଓ ପକ୍ଷରୁ ଆସନ୍ତା ୧୫ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ସାରା ଓଡିଶା ପ୍ରତିବାଦ ଦିବସ ପାଳନ ପାଇଁ ଛାତ୍ରୀଛାତ୍ରଙ୍କୁ ଏଆଇଡିଏସଓ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ରାସ୍ତା ପାଇଁ ଗୋଷ୍ଠୀ ସଂଘର୍ଷ ଘଟଣା, ୨ ମାମଲା ରୁଜୁ

ଗୋପାଳପୁର,୧୪।୯(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅନ୍ତର୍ଗତ ଏକସିଂ ଗ୍ରାମରେ ରାସ୍ତାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏ ନେଇ ଗୁରୁବାର ଉଭୟ ଗୋଷ୍ଠୀ ପକ୍ଷରୁ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ଘଟଣାରେ ଗୁରୁବାର ଥାନାରେ ଦୁଇଟି ଅଭିଯୋଗ ହୋଇଛି। ଗୋଟିଏ ଗୋଷ୍ଠୀର ବି.ପାର୍ବତୀଙ୍କ ଅଭିଯୋଗକ୍ରମେ ନଂ.୪୫୦/୨୩ରେ ପୋଲିସ ୧୦ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେହିପରି ଅପରଗୋଷ୍ଠୀର ୟୁ.ମୋହନ ରେଡ୍ଡୀଙ୍କ ଅଭିଯୋଗକ୍ରମେ ନଂ.୪୫୧/୨୩ରେ ୮ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି। ଘଟଣାପରଠାରୁ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଘଟଣା ତଦନ୍ତ ଆରମ୍ଭ ହୋଇଛି, ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏକସିଂ ଗ୍ରାମରେ ଓଡ଼ିଆରପି କଲୋନୀ ରାସ୍ତା ପାଇଁ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ବୁଧବାର ମଧ୍ୟାହ୍ନରେ ପୁଣି ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହେବା ସହ ଢ଼େଲା, ପଥର ମାଡ଼ ହେବାରୁ ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡମେଡ଼ିକାଲରେ ଭର୍ତ୍ତି କରିଥିଲା। ଉତ୍ତେଜନାକୁ ଦେଖି ଗ୍ରାମରେ ଫୋର୍ସ ମୁତୟନ କରାଯାଇଛି।



ଗଞ୍ଜାମ ଜିଲା ଛତ୍ରପୁର ନିକଟ ୧୬ ନଂ. ଜାତୀୟ ରାଜପଥରେ ବୁଲାଗୋରୁଙ୍କ ପ୍ରତି ନିୟନ୍ତ୍ରଣ ନାହିଁ। (ଫଟୋ- ଦିଲୀପ ସାମଲ)

# ମୁଗ ଫସଲ ବୃଦ୍ଧିକୁ ଗୁରୁତ୍ୱ

ବ୍ରହ୍ମପୁର,୧୪।୯ (ସ୍ମୃତି ରଞ୍ଜନ ମହାଳିକ)

ଗଞ୍ଜାମ ଜିଲାରେ ଧାନ ପରେ ରବି ଋତୁରେ ପ୍ରାୟ ଦେଢ ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ କରାଯାଉଛି। ସେଥିମଧ୍ୟରୁ ୧ ଲକ୍ଷ ୨୫ ହଜାର ହେକ୍ଟର ଜମିରେ ମୁଗ ଚାଷ କରାଯାଇଥାଏ। ଚଳିତବର୍ଷ ସ୍ୱଳ୍ପବୃଷ୍ଟି ଓ ବିଳମ୍ବ ଧାନ ରୁଆକୁ ଲକ୍ଷ୍ୟ ରଖି ମୁଗ ଫସଲର ଉତ୍ପାଦନତା ବୃଦ୍ଧି ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୋଳନ୍ଥରାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୨୨ଟି ବ୍ଲକର ସହକାରୀ କୃଷି ଅଧିକାରୀ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଗ ଚାଷରେ ନୂତନ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗକୁ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ ଚଳିତ




କର୍ମଶାଳାରେ ଉପସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ଅନ୍ୟମାନେ।

ବର୍ଷ ଖର୍ଚ୍ଚଖସଡାରେ ନୂତନ ଜ୍ଞାନ କୌଶଳକୁ ମିଶାଇବା ପାଇଁ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର କ୍ଷୁଦ୍ର ଜଳ ସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଜିଲାର ସମସ୍ତ ଜଳ ସେଚନ ଉତ୍ସର ପୁନରୁଦ୍ଧାର ପ୍ରକ୍ରିୟା ଜାରି ରହିଛି, କୃଷି ସହ ଜଳସେଚନ ବିଭାଗର ସମ୍ମିଳିତ ଉଦ୍ୟମରେ ଚାଷୀର ଆୟ ବୃଦ୍ଧି କରିପାରିବା ବୋଲି କହିଥିଲେ। କୃଷି ଜିଲା ଅଧିକାରୀ ଶୁଭଶ୍ରୀ ମଲିକ ଯୋଜନାର ସଠିକ ରୂପେ କାର୍ଯ୍ୟକାରିତା ଉପରେ କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବିଜ୍ଞାନୀ ଡ ଦେବାଶିଷ ଷଡଙ୍ଗୀ ଖାଦ୍ୟ ସାର ପରିଚାଳନା ସହ ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା, ଅଣୁସାର ପ୍ରୟୋଗ ଦ୍ୱାରା ମୁଗ ଅମଳ ବୃଦ୍ଧି ପାଇବ ବୋଲି କହିଥିଲେ। ବୈଜ୍ଞାନିକ ସୁନୀତା ବେହେରା ମୁଗ ଫସଲରେ ରୋଗ ପୋକ ନିୟନ୍ତ୍ରଣ ସଂପର୍କରେ ତଥ୍ୟ ରଖିଥିଲେ।

